To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ
R.N.I. No.-42041/83 Vol-16, Issue No.85, ଭଦ୍ରକ, ଗୁରୁବାର, ୨୦, ସେପ୍ଟେମ୍ବର ୨୦୧୮ ■ Bhadrak, Thursday, 20 September 2018 Rs. 2.00 Pages-8

ଗୋଆ ରାଜନୀତି ସରଗରମ, କଂଗ୍ରେସକୁ ରୋକିବାକୁ ଅମିତ୍‌ଙ୍କ ପ୍ରୟାସ ଜାରି

୨ ଶିଶୁପୁତ୍ରଙ୍କ ସଲିଳ ସମାଧି

ତିହିଡି,୧୯।୯ (ସକାଳ ଖବର): ଭଦ୍ରକ ଜିଲ୍ଲା ତିହିଡି ଥାନା ଅଚକ ପଞ୍ଚାୟତ ଅଧିନ ଉତ୍ତରବାହା ଗାଁର ପୋଖରୀରେ ପଡି ୨ ଶିଶୁ ପୁତ୍ରଙ୍କର ସଲିଳ ସମାଧି ହୋଇଯାଇଛି। ବୁଧବାର ସକାଳ ପ୍ରାୟ ୧୦ ଘଟିକା ସମୟରେ ଘର ପାଖରେ ଖେଳୁଥିବା ବେଳେ କୌଣସି କାରଣରୁ ପୋଖରୀ ପାଖକୁ ଯାଇଥିଲେ। ପରେ ସେମାନଙ୍କୁ ଦେଖିବାକୁ ମିଳିନଥିବା ବେଳେ ପୋଖରୀରେ ଭାସୁଥିବାର ପରିବାର ଲୋକେ ଦେଖିବାକୁ ପାଇଥିଲେ। ତୁରନ୍ତ ସେମାନଙ୍କୁ ତିହିଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଛି। ମୃତକ ହେଉଛନ୍ତି ଗଣେଶ ମଲ୍ଲିକଙ୍କ ପୁଅ ସ୍ୱାଗତ ମଲ୍ଲିକ(୩) ଓ ସଞ୍ଜିତ ମଲ୍ଲିକଙ୍କ ପୁଅ ସମରଜିତ୍ (୩) ବୋଲି ଜଣାଯାଇଛି। ପରିବାର ଲୋକେ ଶବକୁ ନେଇ ଘରକୁ ପଳେଇ ଯାଇଥିବା ବେଳେ ଥାନାଧିକାରୀ ପ୍ରଭାଂଶୁ ଶେଖର ମହାନ୍ତି ସେମାନଙ୍କୁ ବୁଝାସୁଝା କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିବା **(ପୃଷ୍ଠା-୭)**

ମୁସ୍‌ଲିମ୍ ମହିଳାଙ୍କ ପାଇଁ ଐତିହାସିକ ଦିନ

ଟ୍ରିପିଲ୍ ତଲାକ୍ ଅଧାଦେଶକୁ କ୍ୟାବିନେଟ୍ ମୋହର

- ■ ତଲାକ ପୀଡ଼ିତାଙ୍କ ଅଭିଯୋଗ ମାତ୍ରେ ଅଭିଯୁକ୍ତ ସ୍ୱାମୀ ତୁରନ୍ତ ଗିରଫ ହେବେ
- ■ ଅଧାଦେଶ ୬ ମାସ ପର୍ଯ୍ୟନ୍ତ ବଳବତ୍ତର
- ■ ମୁସ୍‌ଲିମ୍ ମହିଳାଙ୍କୁ ନେଇ କେନ୍ଦ୍ର କେବଳ ରାଜନୀତି କରୁଛି : କଂଗ୍ରେସ

TALAQ
TALAQ
TALAQ

ନୂଆଦିଲ୍ଲୀ, ୧୯।୯ : ଆଜି ଥିଲା ମୁସ୍‌ଲିମ୍ ମହିଳାଙ୍କ ପାଇଁ ଏକ ଐତିହାସିକ ଦିନ। ଟ୍ରିପିଲ୍ ତଲାକ ଅଧାଦେଶକୁ ମଞ୍ଜୁରୀ ଦେଲେ କେନ୍ଦ୍ର କ୍ୟାବିନେଟ । ଏହି ଅଧାଦେଶ ଅନୁସାରେ ଆଜିଠାରୁ ତଲାକ ଏକ ଅପରାଧ ଭାବେ ବିବେଚିତ ହେବ । ଯଦି ଜଣେ ମୁସଲିମ୍ ମହିଳା ତଲାକ ପାଇବା ପରେ ନିଜେ ଅଭିଯୋଗ କରେ ତେବେ ଅଭିଯୁକ୍ତ ସ୍ୱାମୀକୁ ପୋଲିସ ତୁରନ୍ତ ଗିରଫ କରିବ । ଏହି ଅଧାଦେଶ ୬ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅଧାଦେଶକୁ ବଳବତ୍ତର ରଖିବା ପାଇଁ ଏହି ସମୟ ମଧ୍ୟରେ କେନ୍ଦ୍ର ସରକାର ପୁଣି ସଂସଦରେ ତଲାକ୍-ଇ-ବିଦତ୍ ବିଲ୍‌କୁ ପୁଣି ଥରେ ପାରିତ କରାଇବାକୁ ହେବ। କ୍ୟାବିନେଟ୍ ବୈଠକ ପରେ ଏ ନେଇ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ସୂଚନା ଦେଇଛନ୍ତି । ଅନ୍ୟପଟେ ଅଧାଦେଶ ଆସିବା ପରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି । କଂଗ୍ରେସ ମୁଖପାତ୍ର ରଣଦୀପ ସୁରେଜୱାଲା କହିଛନ୍ତି ମୋଦି ସରକାର ମୁସଲିମ୍ ମହିଳାଙ୍କୁ ଅଧିକାର ଦେବା ପକ୍ଷରେ ନାହାଁନ୍ତି। କେବଳ ପ୍ରସଙ୍ଗରେ ରାଜନୀତି କରୁଛନ୍ତି। ଶୀତକାଳୀନ ଅଧିବେଶନରେ ଏହି ବିଲ୍ ଲୋକସଭାରେ ପାରିତ ହୋଇଥିବାବେଳେ ରାଜ୍ୟସଭାରେ ବିରୋଧୀଙ୍କ ବିରୋଧ ଯୋଗୁଁ ଅଟକି ରହିଥିଲା। ବିରୋଧୀ ଦଳଙ୍କ ବିରୋଧ ପରେ ମୁସଲିମ ମହିଳା ଅଧିକାର ବିଲରେ ସଂଶୋଧନ ଆଣିଥିଲେ ସରକାର। ପୂର୍ବରୁ ସୁପ୍ରିମକୋର୍ଟ ତିନ ତଲାକକୁ ଅସାମ୍ବିଧାନିକ କହିଥିଲେ । ବିରୋଧ ବିବାରୁ ଅଗଷ୍ଟ ମାସରେ ସରକାର ମୁସ୍ଲିମ୍ ଉଇମିନ୍ ପ୍ରୋଟେକ୍ସନ୍ ଅଫ୍ ରାଇଟସ୍ ଅନ୍ ମ୍ୟାରେଜ୍ ବିଲ୍'ରେ ତିନିଟି ସଂଶୋଧନକୁ ଅନୁମୋଦନ କରିଥିଲେ । ନୂଆ ସଂଶୋଧନ ଅନୁସାରେ, ପ୍ରସ୍ତାବିତ ଆଇ ଜାମିନ-ବିହୀନ ହେବ। ଦୋଷୀ ବିଚାର ପୂର୍ବରୁ ଜାମିନ ପାଇଁ ମାଜିଷ୍ଟ୍ରେଟଙ୍କୁ ଆବେଦନ ପରି ପାରିବ। ଜାମିନ-ବିହୀନ ଆଇନ ଅଧୀନରେ ଥାନାରେ ପୁଲିସବାଲା ଜାମିନ ଦେଇ ପାରିବ ନାହିଁ। ଅନ୍ୟ ଏକ ସଂଶୋଧନ ଏହାକୁ ସ୍ପଷ୍ଟ କରିଛି ଯେ ଯଦି ପୀଡ଼ିତା (ପତ୍ନୀ), ତାଙ୍କର ରକ୍ତ ସମ୍ପର୍କୀୟ କିମ୍ବା ବିବାହ ଯୋଗୁଁ ତାଙ୍କର ସମ୍ପର୍କୀୟ ହୋଇଥିବା କୌଣସି ବ୍ୟକ୍ତି ଅଭିଯୋଗ କଲେ ଯାଇ ପୁଲିସ ମାମଲା ରୁଜୁ କରିବ। ତୃତୀୟ ସଂଶୋଧନ ଟ୍ରିପିଲ୍ ତଲାକକୁ କମ୍ପାଉଡେବଲ୍' ଅପରାଧ ବିବେଚିତ କରିଛି। ଏ କ୍ଷେତ୍ରରେ ପତିପତ୍ନୀଙ୍କ ମଧ୍ୟରେ ବିବାଦ ମେଣ୍ଟାଇବାକୁ ଜଣେ ମାଜିଷ୍ଟ୍ରେଟ୍ ନିଜର କ୍ଷମତା ପ୍ରୟୋଗ କରି ପାରିବେ। କମ୍ପାଉଡେବଲ୍ ମାମଲାରେ ଉଭୟ ପକ୍ଷ ମାମଲା ପ୍ରତ୍ୟାହାର ପାଇଁ **(ପୃଷ୍ଠା-୭)**

ବଦ୍ରିପାତ୍ରଙ୍କ ପୁଅ ଗିରଫ

କେନ୍ଦୁଝର : ବୁଧବାର ରାତିରେ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ର ଗିରଫ ହୋଇଥିବାର ସୂଚନା ମିଳିଛି । ଟାଙ୍ଗୀ ଅଞ୍ଚଳର ଛତିଆ ନିକଟରୁ ରାମଚନ୍ଦ୍ରପୁର ପୋଲିସ ତାଙ୍କୁ ଗିରଫ କରିଛି । ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ତାଙ୍କ ନାମରେ ଚାର୍ଜସିଟ୍ ଦାଖଲ ହୋଇଥିଲା। କେନ୍ଦୁଝର ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ତାଙ୍କୁ ଗିରଫ କରିଥିବା ଜଣାଯାଇଛି ।

ଆଜିଠୁ ପ୍ରବଳ ବର୍ଷା

ଭୁବନେଶ୍ୱର, ୧୯।୯ (ସକାଳ ଖବର): ବଙ୍ଗୋପସାଗର ମଧ୍ୟସ୍ଥଳରେ ସୃଷ୍ଟ ଲଘୁଚାପ ଏବେ ଡିପ୍ ଡିପ୍ରେସନ୍‌ର ରୂପ ନେଇଛି । ଫଳରେ ଏହାର ପ୍ରଭାବରେ ଆସନ୍ତାକାଲି ଠାରୁ ରାଜ୍ୟରେ ବର୍ଷା ହେବ । ଏବେ ଏହା ପଶ୍ଚିମ-ଉତ୍ତର-ଦକ୍ଷିଣ ଦିଗରେ ଅଗ୍ରସର ହେଉଛି । ବିଶେଷକରି ପୁରୀ ଓ ଜଗତସିଂହପୁର ମଧ୍ୟଦେଇ ଏହା ଅତିକ୍ରମ କରିବାକୁ ଥିବାବେଳେ ଏହି **(ପୃଷ୍ଠା-୭)**

ଭୋଟର ତାଲିକାରେ ସାମିଲ ହେବେ ସବୁ ଦିବ୍ୟାଙ୍ଗ

ଅକ୍ଟୋବର ୫ରେ ପ୍ରତି ଗ୍ରାମପଞ୍ଚାୟତରେ କରାଯିବ ସ୍ୱତନ୍ତ୍ର କ୍ୟାମ୍ପ

ଭୁବନେଶ୍ୱର,୧୯।୯ (ସକାଳ ଖବର): ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ଦିବ୍ୟାଙ୍ଗ ନାଗରିକ ଯେଉଁମାନଙ୍କ ନାମ ଭୋଟର ତାଲିକାଭୁକ୍ତ ହୋଇନାହିଁ, ସେମାନଙ୍କ ନାମ ପଞ୍ଜୀକୃତ କରିବା ପାଇଁ ଆସନ୍ତା ଅକ୍ଟୋବର ୫ ତାରିଖରେ ରାଜ୍ୟର ସମସ୍ତ ଗ୍ରାମପଂଚାୟତ ସ୍ତରରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ସେମାନଙ୍କୁ ତାଲିକାଭୁକ୍ତ କରାଯିବ ବୋଲି ରାଜ୍ୟସ୍ତରୀୟ ଷ୍ଟିୟରିଙ୍ଗ୍ କମିଟିର ଅଧ୍ୟକ୍ଷ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ସୁରେନ୍ଦ୍ର କୁମାର ପ୍ରକାଶ କରିଛନ୍ତି । ବୁଧବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଷ୍ଟିୟରିଙ୍ଗ୍ କମିଟିରେ ଅଧ୍ୟକ୍ଷତା କରି ଶ୍ରୀ ସୁରେନ୍ଦ୍ର କୁମାର କହିଥିଲେ ଯେ ଏ ସଂପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସହ ଖବରକାଗଜ, ଟେଲିଭିଜନ୍ ଓ ରେଡ଼ିଓରେ ବିଜ୍ଞାପନ ମାଧ୍ୟମରେ ପ୍ରଚାର କରାଯିବ । ଏହି ପ୍ରକ୍ରିୟାରୁ କୌଣସି ଦିବ୍ୟାଙ୍ଗ ଭୋଟର ଯେପରି ବାଦ ନପଡ଼ନ୍ତି ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ସେ କହିଥିଲେ । ଏତଦ୍‌ବ୍ୟତୀତ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ଜିଲ୍ଲାସ୍ତରରେ ଜିଲ୍ଲାସ୍ତରୀୟ ଷ୍ଟିୟରିଙ୍ଗ୍ କମିଟି ଗଠନ କରିବା ସହ ଦିବ୍ୟାଙ୍ଗ ଭୋଟରମାନଙ୍କୁ ଚିହ୍ନଟ କରି ଭୋଟର ତାଲିକାରେ ନାମ ପଂଜୀକୃତ କରାଇବା ନିମନ୍ତେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ସମୟରେ ପ୍ରତି ବୁଥ୍‌ରେ ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ସୁଗମ ମତଦାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ର୍‍ୟାମ୍ପ, ଗାଡ଼ି ପାର୍କିଂର ସୁବିଧା ସହ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ଶ୍ରୀ କୁମାର ପ୍ରକାଶ କରିଛନ୍ତି । ପ୍ରକାଶ ଥାଉ କି, ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଦିବ୍ୟାଙ୍ଗମାନଙ୍କ ପାଇଁ ସୁଗମ ମତଦାନ ନିମନ୍ତେ ରାଜ୍ୟସ୍ତରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଷ୍ଟିୟରିଙ୍ଗ୍ କମିଟି ଗଠନ କରାଯାଇଛି ।

କୁଜଙ୍ଗ ଜେଏମଏଫସି କୋର୍ଟରେ ଆତ୍ମସମର୍ପଣ କଲେ ମହିମା ମିଶ୍ର

ପାରାଦ୍ୱୀପ,୧୯।୯ (ସକାଳ ଖବର): ସୁପ୍ରିମକୋର୍ଟ ଜାମିନ ଆବେଦନ ଖାରଜ କରିବା ପରେ କୁଜଙ୍ଗ ଜେଏମଏଫସି କୋର୍ଟରେ ମହିମା ମିଶ୍ର ଆତ୍ମସମର୍ପଣ କରିଛନ୍ତି । ସୂଚନାଯୋଗ୍ୟ, ସିଜେ ସିପିଙ୍ଗ୍ ଓ ଲଜିଷ୍ଟିକ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳକ ମହେନ୍ଦ୍ର ସ୍ୱାଇଁଙ୍କ ହତ୍ୟା ମାମଲାରେ ୧୦ଜଣଙ୍କ ନାମରେ ଜଗତସିଂହପୁର ପୁଲିସ ଚାର୍ଜସିଟ୍ ଦାଖଲ କରିଥିଲା । ସେମାନଙ୍କ ମଧ୍ୟରେ ଓଡିଶା ଷ୍ଟିଭେଡର୍ସ ଲିମିଟେଡର ଏମଡି ମହିମା ମିଶ୍ର ଓ ତାଙ୍କ କମ୍ପାନିର ନିର୍ଦ୍ଦେଶକ ବସନ୍ତ ବଳ ରହିଛନ୍ତି । ୨୦୧୬ ଅକ୍ଟୋବର ମାସ ୨୬ ତାରଖରେ ପାରାଦୀପ ମଧୁବନସ୍ଥିତ ଆମ୍ବେଦକର ଭବନ ନିକଟରେ ମହେନ୍ଦ୍ର ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା । **(ପୃଷ୍ଠା-୭)**

ପାକିସ୍ତାନକୁ ୮ ୱିକେଟ୍‌ରେ ପରାସ୍ତ କଲା ଟିମ୍ ଇଣ୍ଡିଆ

ଦୁବାଇ, ୧୯।୯: ଭୁବନେଶ୍ୱର ଓ କେଦାରଙ୍କ ଆତ୍ମଘାତୀ ବୋଲିଂ ଓ ପରେ ରୋହିତ୍ ଓ ଧାୱନ୍‌ଙ୍କ ଆକର୍ଷଣୀୟ ସଟ୍ ଓ ଶେଷରେ ଦିନେଶ ଓ ଅମ୍ବାତିଙ୍କ ଦମ୍‌ଦାର ଇନିଂସ୍ ଯୋଗୁଁ ଏଠାରେ ଅନୁଷ୍ଠିତ ଏସିଆକପ୍‌ର ଗୁରୁତ୍ୱପୂର୍ଣ୍ଣ ଭାରତ ଓ ପାକିସ୍ତାନ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଦେଇଛି । ଭାରତ ୨୮.୫ ଓଭରରେ ଆବଶ୍ୟକ ୧୬୨ ରନ୍ ପାର୍ କରିଦେଇଥିଲା । ଭାରତୀୟ ବୋଲରଙ୍କ ପ୍ରଭାବଶାଳୀ ବୋଲିଂରେ ପାକିସ୍ତାନୀ ବ୍ୟାଟସ୍‌ମ୍ୟାନମାନେ ବୁଧବାର ଲକ୍ଷ୍ୟ ଭ୍ରଷ୍ଟ ହୋଇଛନ୍ତି । ଏସିଆ କପ୍‌ର ଗ୍ରୁପ୍-ଏ ମ୍ୟାଚରେ ଚିରପ୍ରତିଦ୍ୱନ୍ଦୀ ପାକିସ୍ତାନ ୪୩.୧ ଓଭରରେ ସମସ୍ତ ୱିକେଟ ହରାଇ ୧୬୨ ରନ୍ ସଂଗ୍ରହ କରିଛି । ଫଳରେ ଭାରତକୁ ୧୬୩ ରନ୍ ଟାର୍ଗେଟ ମିଳିଛି । ଭାରତୀୟ ବୋଲର ଭୁବନେଶ୍ୱର କୁମାର ଓ କେଦାର **(ପୃଷ୍ଠା-୭)**

AMIR
5
OPPO
INDIA


ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ

ହୁଣ୍ଡିର ଆୟ (୨୫.୮.୧୮)
୨,୪୨,୪୧୪

ମୁଁ ଏବେବି ବିଜେଡିରେ ଅଛି : ଦାମ

ଭୁବନେଶ୍ୱର,୧୯।୯ (ସକାଳ ଖବର): ମୁଁ ଏବେବି ବିଜେଡିରେ ରହିଛି। ଦଳର କାର୍ଯ୍ୟକାରୀ କମିଟିର ସଭ୍ୟ ଅଛି। କମିଟିର ସଭ୍ୟ ଥିବା ବ୍ୟକ୍ତିଙ୍କୁ ବାହାର କରିବାକୁ ହେଲେ ସମ୍ପୃକ୍ତ କମିଟିର ବୈଠକ ବସି ନିଷ୍ପତି ନେବାକୁ ହୋଇଥାଏ। ମୋ କ୍ଷେତ୍ରରେ ତାହା ହୋଇଛି କି ବୋଲି ବରିଷ୍ଠ ନେତା ଦାମୋଦର ରାଉତ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ବହିଷ୍କାର ନେଇ ମତେ ଲିଖିତ ଭାବେ ଜଣାଯାଇନାହିଁ କି ଏହା କରିବା ପୂର୍ବରୁ କୈଫିୟତ ମଧ୍ୟ ମଗାଯାଇନାହିଁ । ଅନ୍ୟପକ୍ଷରେ ଡା.ରାଉତଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦି ଶ୍ରୀ ବିଷ୍ଣୁ ଦାସ କହିଛନ୍ତି ଯେ ଦଳ ବା ମୁଖ୍ୟମନ୍ତ୍ରୀ ଯଦି ଚାହିଁବେ ସେ ପାରାଦ୍ୱୀପରେ ଦାମ ବାବୁଙ୍କ ଆସନରେ ପ୍ରତିଦ୍ୱନ୍ଦିତା କରିବେ। ଏହି ଆସନ ବିଜେଡି। ଏହାକୁ ହାତ ଛଡା କରାଯିବ ନାହିଁ ଆମ ପାଖରେ ଦଳ ଓ ସଂଗଠନ ଅଛି। ଦାମ ବାବୁ ଥିବା ବେଳେ ବହୁ କର୍ମୀଙ୍କୁ ଡରାଇ ରଖିଥିଲେ। ଏବେ ସେମାନେ ସ୍ୱେଚ୍ଛାକୃତ ଭାବେ ଦଳକୁ ଆସୁଛନ୍ତି ଏବଂ ଦଳକୁ ଆଗେଇ ନେବା କାମ ମଧ୍ୟ ଆରମ୍ଭ କରିଛନ୍ତି।

କଂଗ୍ରେସରେ ମିଶିଲେ ଜର୍ଜ ତିର୍କୀ

ଭୁବନେଶ୍ୱର,୧୯।୯ (ସକାଳ ଖବର): ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ବୁଧବାର କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି। ନୂଆଦିଲ୍ଲୀ ଠାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧିଙ୍କୁ ଭେଟି ଶ୍ରୀ ତିର୍କୀ ଦଳରେ ସାମିଲ ହୋଇଛନ୍ତି। ସେହିପରି ମହାନଦୀ ବଂଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାଶ ମଧ୍ୟ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି। ତାଙ୍କ ସହ ମଂଚର ଆଉ ୪ ଜଣ **(ପୃଷ୍ଠା-୭)**

ବିଧାନସଭାରେ ଅଚଳାବସ୍ଥା ଜାରି

ବାରମ୍ବାର ମୁଲତବୀ

ଭୁବନେଶ୍ୱର,୧୯।୯ (ସକାଳ ଖବର): ଗତକାଲି ଭଳି ଆଜି ମଧ୍ୟ ବିରୋଧୀ ଦଳ ସଦସ୍ୟମାନେ ହଙ୍ଗାମା ସୃଷ୍ଟି କରିବାରୁଗୃହର ପ୍ରଥମାର୍ଦ୍ଧ ବୈଠକର କାର୍ଯ୍ୟକ୍ରମ ସମ୍ପାଦିତ ହୋଇପାରିନଥିଲା। ଏଥିରୁ ନିବୃତ ରହିବାପାଇଁ ବାଚସ୍ପତି ଶ୍ରୀ ପ୍ରଦୀପ କୁମାର ଅମାତ୍ ଗୃହକୁ ଏକାଧିକ ବାର ମୁଲତବୀ ରଖିଥିଲେ। ହଙ୍ଗାମା ସମୟରେ ବିରୋଧୀ କଂଗ୍ରେସ ଓ ବିଜେପି ଦଳର ସଦସ୍ୟମାନେ ଗୃହର ମଧ୍ୟ ଭାଗରେ ମୁଖ୍ୟମନ୍ତ୍ରୀଙ୍କୁ ଆକ୍ଷେପ କରି ବିଭିନ୍ନ ସ୍ଲୋଗାନ ଦେବା,ବାଚସ୍ପତିଙ୍କ ପୋଡିୟମ୍ କୁ ବାଡେଇବା , କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ପୋଡିୟମ ଉପରକୁ ବାରମ୍ବାର ଚଢିବା ପାଇଁ ଉଦ୍ୟମ କରିବା,ସୁରକ୍ଷା କର୍ମୀମାନେ ତାଙ୍କୁ ବାଧା ଦେବା, ଆଉ କିଛି ସଦସ୍ୟ ମାଇକ୍ ଛଡାଇବା ଏବଂ ବାଚସ୍ପତି ସୁରକ୍ଷା କର୍ମୀଙ୍କ ବଳୟ ଭିତରେ ରହି ଗୃହର କାର୍ଯ୍ୟକୁ କିଛି ସମୟ ପାଇଁ ଚାଲୁ ରଖିବା ଆଦି ଆଜି ଗୃହରେ ଦୃଶ୍ୟମାନ ହୋଇଥିଲା।
ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୁଧବାର ପୂର୍ବାହ୍ନ ୧୦ଟା ୩୦ରେ ବାଚସ୍ପତି ବିଧାନସଭାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲୁ କରିବାକୁ ଗଲାବେଳେ କଂଗ୍ରେସ ସଭ୍ୟ ଶ୍ରୀ ବାହିନୀପତି ଗୃହର ମଧ୍ୟ ଭାଗୁ ଆସି ସେମାନେ ଆଇନ ଶୃଙ୍ଖଳା ଉପରେ ଦେଇଥିବା ମୁଲତବୀ ପ୍ରସ୍ତାବ କଣ ପାଇଁ ଗ୍ରହଣ କରାଗଲା ନାହିଁ ବାଚସ୍ପତିଙ୍କୁ ବାରବାର ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ବିଜେପି ଦଳର ସଦସ୍ୟମାନେ ପ୍ରଦୀପ ପୁରୋହିତ ଓ ରବି ନାଏକଙ୍କ ନେତୃତ୍ୱରେ କଳା ଗାଉନ ପିନ୍ଧି ବିଜୁ ଯୁବ ବାହିନୀକୁ ଦିଆଯାଇଥିବା ଅନୁଦାନ ଅର୍ଥର ଅଡିଟ୍ ପାଇଁ ରାଜ୍ୟ ସରକାର ରାଜି ନହେବାର ପ୍ରତିବାଦ କରିଥିଲେ। ଅପରପକ୍ଷରେ ଶାସକ ଦଳ ସଦସ୍ୟ ସମୀର ରଂଜନ ଦାଶ ଓ ବ୍ୟୋମକେଶ ରାୟ ନିଜ ଆସନରେ ଠିଆ ହୋଇ ସାମ୍ବାଦିକ ଅଭିଜିତ୍ ଆୟାର ଓଡିଶାର ନାଁକୁ ନେଇ ତାଚ୍ଛଲ୍ୟ କରି ଦେଇଥିବା ମନ୍ତବ୍ୟ ଜନିତ ପ୍ରକାଶିତ ସମ୍ବାଦକୁ ନେଇ କ୍ଷୋଭ କରିଥିଲେ ଏବଂ ସମ୍ପୃକ୍ତ ସାମ୍ବାଦିକଙ୍କ ବିରୁଦ୍ଧରେ ।ଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଦାବି କରିଥିଲେ।
ବିରୋଧୀ ଦଳର ହଙ୍ଗାମା ପାଇଁ ଗୃହରେ ଉତେଜନା ମୂଳକ ପରିସ୍ଥିତି ଦେଖାଦେଇଥିଲା। ଏହି ପରିସ୍ଥିତିକୁ ଏଡାଇବା ପାଇଁ ବାଚସ୍ପତି ପ୍ରଥମେ ୧୦ଟା ୩୦ରୁ ୧୧ଟା ୩୦ ମୁଲତବୀ କରିଥିବା ବେଳେ ଦ୍ୱିତୀୟ ଥରରେ ୧୦ଟା ୩୪ ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଫଳରେ ପ୍ରଶ୍ନୋତ୍ତର , ଶୂନ୍ୟକାଳ କାର୍ଯ୍ୟକ୍ରମ ହୋଇପାରିନଥିଲା।ତେବେ ପରମ୍ପରା ଅନୁଯାୟୀ ଆଜି ଆଲୋଚନା ହେବାକୁ ତାରକାଚିହ୍ନିତ ପ୍ରଶ୍ନର ଉତର ଉପସ୍ଥାପିତ ହେଲା ବୋଲି ଧରି ନିଆଯାଇଥିଲା। ଆଜିକୁ ମିଶାଇ ଦୀର୍ଘ ୯ଦିନ ଧରି ବିରୋଧୀ ଦଳଙ୍କ ହଙ୍ଗାମା ପାଇଁ ପ୍ରଶ୍ନୋତର କାର୍ଯ୍ୟକ୍ରମ ହୋଇନପାରିବା ଚଳିତ ବିଧାନସଭାର ନୂଆ ଘଟଣା ।

ରାମମନ୍ଦିର ନିର୍ମାଣ ଅତିଶୀଘ୍ର ହେବା ଉଚିତ୍ : ଭାଗବତ୍

କାଶ୍ମୀରରୁ ହଟୁ ଧାରା ୩୭୦

ନୂଆଦିଲ୍ଲୀ,୧୯।୯: ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘର ତିନି ଦିବସୀୟ ବ୍ୟାଖ୍ୟାନମାଳା କାର୍ଯ୍ୟକ୍ରମ ଭାରତ କା ଭବିଷ୍ୟ'ର ଅନ୍ତିମ ଦିନରେ ସରସଂଘଚାଳକ ମୋହନ ଭାଗବତ କାର୍ଯ୍ୟକ୍ରମରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇଛନ୍ତି । ଭାଗବତ କହିଛନ୍ତି ଯେ, ରାମମନ୍ଦିର ନିର୍ମାଣ ଅତି ଶୀଘ୍ର ହେବା ଉଚିତ୍ । ଏହା ସହିତ କାଶ୍ମୀରରେ ଧାରା ୩୭୦ ଉପରେ ଆମର ଆଭିମୁଖ୍ୟ କଣ ରହିଛି ତାହା ସମସ୍ତେ ଜାଣନ୍ତି । ଆମେ ଏହି ଧାରାକୁ କାଶ୍ମୀରରୁ ହଟାଇବା ପକ୍ଷରେ ଅଛୁ । ମୋହନ ଭାଗବତ ଏହି ସମୟରେ ଜାତି ବ୍ୟବସ୍ଥା, ଆରକ୍ଷଣ, ଅଳ୍ପସଂଖ୍ୟକ, ସମଲିଙ୍ଗୀ, ଜାମ୍ମୁ ଓ କାଶ୍ମୀର ଓ ଶିକ୍ଷା ନୀତି ପରି ଅନେକ ପ୍ରସଙ୍ଗ ଉପରେ ଆସିଥିବା ଏହି ସମୟରେ ଉପସ୍ଥିତ ଲୋକଙ୍କ ପକ୍ଷରୁ ୨୧୫ଟି ପ୍ରଶ୍ନ ପଚରାଯାଇଛି । ଜାତି ବ୍ୟବସ୍ଥା ଉପରେ ପରଚା ଯାଇଥିବା ପ୍ରଶ୍ନର ଉତ୍ତର ଦେଇ ମୋହନ ଭାଗବତ କହିଛନ୍ତି ଯେ କେବେ ଜାତି ବ୍ୟବସ୍ଥା ରହିଥିବ ମାତ୍ର ଏବେ ଜାତି ଏକ ଅବ୍ୟବସ୍ଥା । ସାମାଜିକ ବିଷମତାକୁ ପ୍ରୋତ୍ସାହନ କରୁଥିବା ସବୁ ତତ୍ତ୍ୱକୁ ବାହାର କରିବା ଉଚିତ୍ । ଏଥିପାଇଁ ବହୁତ ସମୟ ଲାଗିଲେ ମଧ ଏହାକୁ କରିବାକୁ ପଡ଼ିବଛ ସଂଘରେ ବ୍ୟକ୍ତି କେଉଁ ଜାତି ପ୍ରଶ୍ନ କରାଯାଏ ନାହିଁ । ସଂଘରେ କୋଟା ସିଷ୍ଟମ ନାହିଁ। ଆମର ଲକ୍ଷ୍ୟ ସଂପୂର୍ଣ୍ଣ ସମାଜ ଗଠନ କରିବା । ଗୋରକ୍ଷା ଓ ମବ ଲିଚିଂଙ୍କୁ ନେଇ ହୋଇଥିବା ପ୍ରଶ୍ନର **(ପୃଷ୍ଠା-୭)**

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick